ମତ୍ସ୍ୟକର୍ମୀମାନଙ୍କ ଅଧିକାର ସୁରକ୍ଷା ସମର୍ଥକ ଆନ୍ତର୍ଜାତିକ ସଂସ୍ଥା( ଆଇ. ସି. ଏସ୍. ଏଫ୍.) ଟ୍ରଷ୍ଟ

ଏସ୍. ଏସ୍. ଏଫ୍. ମାର୍ଗଦର୍ଶିକା ଉପରେ ତାଲିମଦାତାମାନଙ୍କ ରାଷ୍ଟ୍ରୀୟ ତାଲିମ (ଟି. ଓ. ଟି.) କର୍ମଶାଳା

(ଭୂଖଣ୍ଡସ୍ଥ ଜଳଭାଗରୁ ମତ୍ସଧାରଣ ଉଦ୍ୟୋଗ)

ସେବା କେନ୍ଦ୍ର, କଲିକତା, ପଶ୍ଚିମବଙ୍ଗ

ତାରିଖ:୨୨-୨୪ ଡିସେମ୍ବର ୨୦୨୨

ଅଧିବେଶନର ଶୀର୍ଷକ ଓ ଆଲୋଚନାର ପ୍ରଶ୍ନାବଳୀ

ପ୍ରଥମ ଅଧିବେଶନ

ଉପସ୍ଥାପନା-୧

ଶୀର୍ଷକ: ଭୂଖଣ୍ଡସ୍ଥ ଜଳ ସମ୍ବଳରେ ମତ୍ସ୍ୟଧାରଣ ପାଇଁ ପ୍ରବେଶ ଅଧିକାର, ଅବଧି ଓ ପ୍ରଶାସନ

ବକ୍ତା(ଆଲୋଚକ) : ଡକ୍ଟର ଭି. ଭି. ସୁଗୁଣନ୍

ପ୍ରଶ୍ନ

(ମୁଖ୍ୟତଃ ମତ୍ସ୍ୟଜୀବୀମାନଙ୍କ ପାଇଁ ଉଦ୍ଦିଷ୍ଟ)

ଆପଣଙ୍କ ମତରେ ଭୂଖଣ୍ଡସ୍ଥ ଜଳ ସମ୍ବଳରୁ ମତ୍ସ୍ୟଧାରଣର ପରିଚାଳନା ଓ ପ୍ରଶାସନ ପାଇଁ ସରକାରୀ, ବେସରକାରୀ ଓ ସମବାୟ କ୍ଷେତ୍ରର ଭୂମିକା କଣ ହେବା ଉଚିତ ?

ନୀତିଗତ ସ୍ତରରେ ମତ୍ସ୍ୟଜୀବୀମାନଙ୍କ ଜୀବିକା ସୁରକ୍ଷା ଓ ଆୟ ବୃଦ୍ଧି ପାଇଁ ସରକାର କେଉଁ ପଦକ୍ଷେପ ନେବା ଉଚିତ ବୋଲି ଆପଣ ଭାବୁଛନ୍ତି ?

ଭୂଖଣ୍ଡସ୍ଥ ଜଳଭାଗର ମତ୍ସ୍ୟଜୀବୀମାନେ କେଉଁ ତିନୋଟି ମୁଖ୍ୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ?

(ମୁଖ୍ୟତଃ ସରକାରୀ ଏଜେନ୍ସିମାନଙ୍କ ପ୍ରତି ଉଦ୍ଦିଷ୍ଟ)

ଜଳଭଣ୍ଡାରରେ ମତ୍ସ୍ୟଧାରଣ ପାଇଁ ଅନୁମତି-ପତ୍ର ଆବଣ୍ଟନରେ ସରକାରଙ୍କର କଣ ନୀତି ହେବା ଉଚିତ ?

କୌଣସି ବ୍ୟକ୍ତି ବିଶେଷଙ୍କୁ ଜଳଭଣ୍ଡାର, ନଦୀର କିଛି ଅଂଶ ନିଲାମ(ଠିକା)ରେ ଦେବା ଆବଶ୍ୟକ କି? ଉତ୍ତର ଯଦି ହଁ, କାହିଁକି? ଉତ୍ତର ଯଦି ନା, କାହିଁକି ?

ଉପସ୍ଥାପନା-୨

ଶୀର୍ଷକ: ଭୂଖଣ୍ଡସ୍ଥ ଜଳ ସମ୍ବଳକୁ ପ୍ରବେଶ ଅଧିକାର: ନ୍ୟାୟିକ ଓ ଆନୁଷ୍ଠାନିକ ଦୃଷ୍ଟିକୋଣ

ବକ୍ତା(ଆଲୋଚକ) : ଡକ୍ଟର ଗଣେଶ ଚନ୍ଦ୍ର

ପ୍ରଶ୍ନ

୧. ଜଳ ସମ୍ବଳକୁ ପ୍ରବେଶ ନିମିତ୍ତ ମତ୍ସ୍ୟ ଉଦ୍ୟୋଗୀ/ ମତ୍ସ୍ୟଜୀବୀମାନଙ୍କୁ ଅଗ୍ରାଧିକାର

୨. ବିଭିନ୍ନ ରାଜ୍ୟରେ ଲିଜ୍ ପଲିସି, ଗୋଟିଏ ନୀତିର ଆବଶ୍ୟକତା

୩. ଭାରତରେ ସମବାୟ ମତ୍ସ୍ୟ ଉଦ୍ୟୋଗର ପ୍ରଶାସନିକ ସମସ୍ୟା, ପ୍ରାଥମିକ ମତ୍ସ୍ୟ ସମବାୟ ସମିତିରେ ପରିବର୍ତ୍ତନର ଆବଶ୍ୟକତା

ଉପସ୍ଥାପନା-୩

ଶୀର୍ଷକ: ବନ୍ୟାଜଳ ପ୍ଲାବିତ ସମତଳ ଅଞ୍ଚଳରେ ମତ୍ସ୍ୟଧାରଣ ସମ୍ବନ୍ଧୀୟ ପ୍ରଶାସନିକ ସମସ୍ୟା: ପ୍ରବେଶ ଅନୁମତି, ଅଧିକାର ଓ ଦାୟିତ୍ୱ

ବକ୍ତା(ଆଲୋଚକ) ଡକ୍ଟର ନଚିକେତ୍ କେଲକର

ପ୍ରଶ୍ନ

୧. ନଦୀ ଜଳରୁ ମତ୍ସ୍ୟଧାରଣରୁ ମତ୍ସ୍ୟଜୀବୀମାନେ ଦ୍ରୁତ ଗତିରେ ଉଚ୍ଛେଦ ହେଉଥିବାବେଳେ ଜଳ ସମ୍ବଳର ଭବିଷ୍ୟତ ପ୍ରଶାସନିକ ଯୋଜନା ଓ ଅବଧି ର କିଭଳି ରୂପରେଖ ହେବ ?

୨. ଏପରି ସୂଚନା ମିଳୁଛି ଯେ ନଦୀରୁ ମତ୍ସଧାରଣ କ୍ଷେତ୍ରରେ ଅନେକ ଅଞ୍ଚଳରେ ପ୍ରଚଳିତ ବ୍ୟବସ୍ଥା ରାଜନୈତିକ ଦଖଲ ଯୋଗୁଁ ଏକ ଶୋଷିତ ଅର୍ଥନୀତି ହେବାକୁ ବସିଲାଣି ? ଏହାର ମୁକାବିଲା କରିବାପାଇଁ ରାଜ୍ୟ ସରକାରଙ୍କ ଅନୁଷ୍ଠାନ ଓ ମତ୍ସ୍ୟଜୀବୀ ସମୁଦାୟ କି ଭୂମିକା ଗ୍ରହଣ କରିବେ ?

୩. ସମବାୟ ସଂସ୍ଥାଗୁଡ଼ିକ କିଭଳି ପୁନଃ କାର୍ଯ୍ୟକାରୀ ହୋଇ ଏଭଳି ଅବାଧ ପ୍ରବେଶଜନିତ ସମସ୍ୟାଗୁଡ଼ିକର କିପରି ସମାଧାନ କରିପାରିବେ ?

ଉପସ୍ଥାପନା-୪

ବକ୍ତା(ଆଲୋଚକ): ଡକ୍ଟର ଶାନ୍ତନୁ ଚକ୍ରବର୍ତ୍ତୀ

ଶୀର୍ଷକ: ପଶ୍ଚିମ ବଙ୍ଗର ସୁନ୍ଦର ବନ ଓ ତା ଉପରେ ନିର୍ଭରଶୀଳ କ୍ଷୁଦ୍ର ମତ୍ସ୍ୟଜୀବୀ ସମୁଦାୟ: ଏକ ବିହଙ୍ଗାବଲୋକନ

ଅଧିବେଶନ-୨

ବକ୍ତା(ଆଲୋଚକ): ଡକ୍ଟର ଅନନ୍ତ କୁମାର

ଶୀର୍ଷକ: ପି. ଏମ୍. ଏସ୍. ଏସ୍. ୱାଇ. ଓ ଭୂଖଣ୍ଡସ୍ଥ ଜଳଭାଗରୁ ମତ୍ସ୍ୟଧାରଣ ଉଦ୍ୟୋଗର ଖର୍ଚ୍ଚ

ପ୍ରଶ୍ନ

ପି. ଏମ୍. ଏସ୍. ଏସ୍. ୱାଇ କିମ୍ବା ଅନ୍ୟ କୌଣସି ଯୋଜନା ଦ୍ୱାରା ଆପଣ ଉପକୃତ ହୋଇଛନ୍ତି କି? ଯଦି ଉପକୃତ ହୋଇଛନ୍ତି, ତାର ବିଶଦ ବିବରଣୀ ଦିଅନ୍ତୁ । ଯଦି ଉପକୃତ ହୋଇନାହାନ୍ତି, ତେବେ କେଉଁ କାରଣରୁ?

ଆପଣଙ୍କ ରାଜ୍ୟରେ ଭୂଖଣ୍ଡସ୍ଥ ଜଳଭାଗରେ ମତ୍ସଧାରଣ ଓ ମତ୍ସ୍ୟପାଳନ ଯୋଜନା ସମ୍ପର୍କରେ ଅବଗତ ?

ଯଦି ଆପଣଙ୍କୁ ପଚରାଯାଏ ଯେ କେଉଁ ପ୍ରକାରର ତିନୋଟି ମୁଖ୍ୟ ସହାୟତା ରାଜ୍ୟର ମତ୍ସ୍ୟ ବିଭାଗରୁ ମିଳିବା ଉଚିତ, ଆପଣ କଣ କହିବେ ?

ଅଧିବେଶନ-୩

ବକ୍ତା(ଆଲୋଚକ): ଡକ୍ଟର ଦିଲିପ କୁମାର

ଶୀର୍ଷକ: ପ୍ରସ୍ତାବିତ ରାଷ୍ଟ୍ରୀୟ ମତ୍ସ୍ୟ ନୀତିରେ ସାମିଲ୍ ଯୋଗ୍ୟ ଭୂଖଣ୍ଡସ୍ଥ ଜଳଭାଗରେ ମତ୍ସଧାରଣ ଓ ମତ୍ସ୍ୟ ପାଳନ ସଂକ୍ରାନ୍ତୀୟ କେତୋଟି ନୀତିଗତ ବିଷୟ